# NATIONAL NEWS BULLETIN (ODIA)

**19 December - 2025**

**Morning Bulletin : 7.15 a.m.**

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାରେ ପାରିତ ହେବା ପରେ ସଂସଦର ଅନୁମୋଦନ ଲାଭ କଲା ଭି.ବି.ଜି.-ରାମ.ଜି. ବିଲ୍ ୨୦୨୫ ।
- ନୂଆଦିଲ୍ଲୀରେ ଚାଲିଥିବା ପାରମ୍ପରିକ ଔଷଧ ସମ୍ପର୍କିତ ବିଶ୍ୱ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଆଜି ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ।
- ହାଇଦ୍ରାବାଦ୍ ଠାରେ ରାଜ୍ୟ ଲୋକସେବା ଆୟୋଗ ଅଧ୍ୟକ୍ଷମାନଙ୍କର ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ।
- ପ୍ରଧାନମନ୍ତ୍ରୀଙ୍କ ଜୋର୍ଡ଼ାନ୍, ଇଥିଓପିଆ ଓ ଓମାନ୍‌କୁ ସଫଳତାର ସହ ଗସ୍ତ ଶେଷ ।

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ଖେଳାଯିବ ଅହମ୍ମଦାବାଦରେ ।

# ଶିବରାଜ- ପ୍ରେସ୍ କନଫରେନ୍ସ

ବିକଶିତ ଭାରତ ରୋଜଗାର ଏବଂ ଜୀବିକା ମିଶନ୍ ପାଇଁ ଗ୍ୟାରେଣ୍ଟି ଅଭିଯାନ ଗ୍ରାମୀଣ – ଭି.ବି.ଜି.-ରାମ୍.ଜି. ବିଲ୍ ୨୦୨୫ ଗତକାଲି ସଂସଦର ଅନୁମୋଦନ ଲାଭ କରିଛି । ଗତ ରାତିରେ ଏହି ବିଲ୍ ରାଜ୍ୟସଭାରେ ପାରିତ ହୋଇଛି । ପୂର୍ବରୁ ଏହି ବିଲ୍ ଲୋକସଭାର ମଧ୍ୟ ମଞ୍ଜୁରୀ ପାଇସାରିଛି ।

୨୦ ବର୍ଷର ପୁରୁଣା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଆଇନ ବଦଳରେ ଏହା କାର୍ଯ୍ୟକାରୀ ହେବ। ୨୦୪୭ ସୁଦ୍ଧା ବିକଶିତ ଭାରତ ଭିଜନ ଅଧୀନରେ ଏକ ଗ୍ରାମୀଣ ବିକାଶ ଢ଼ାଞ୍ଚା ପ୍ରସ୍ତୁତ କରିବାରେ ଏହି ବିଲ୍ ସହାୟକ ହେବ । ପୂର୍ବରୁ ରହିଥିବା ୧୦୦ ଦିନର ନିଶ୍ଚିତ ନିଯୁକ୍ତି ବ୍ୟବସ୍ଥାକୁ ଏଣିକି ୧୨୫ ଦିନକୁ ବୃଦ୍ଧି କରାଯାଇଛି । ବିଲ୍‌ରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦-୪୦ ଅନୁପାତରେ ପାଣ୍ଠି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଉତ୍ତର ପୂର୍ବାଞ୍ଚଳ ଏବଂ ହିମାଳୟ ଅଞ୍ଚଳ ଅନ୍ତର୍ଗତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ପାଣ୍ଠି ଆବଣ୍ଟନ ୯୦-୧୦ ଅନୁପାତରେ ଧାର୍ଯ୍ୟ କରାଯାଇଛି।

ଗତକାଲି ରାଜ୍ୟସଭାରେ ଏହି ବିଲ୍ ସମ୍ପର୍କରେ ଚାଲିଥିବା ଆଲୋଚନାର ଉତ୍ତର ରଖି ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଦେଶ ପ୍ରଥମ ବାର୍ତ୍ତା ନେଇ ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ସରକାର କାର୍ଯ୍ୟ କରୁଛନ୍ତି । ଗ୍ରାମୀଣ ବିକାଶ ବିନା ଦେଶର ବିକାଶ ଅସମ୍ଭବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ବିଶେଷ କରି ସମାଜର ଅବହେଳିତ ବର୍ଗର ବିକାଶ ଲାଗି ସରକାର ଅବିରତ ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ

କହିଛନ୍ତି । ସେ କହିଛନ୍ତି, ଭି.ବି.ଜି.-ରାମ୍.ଜି. ବିଲ୍ ୨୦୨୫ ଲାଗି ପର୍ଯ୍ୟାପ୍ତ ପାଣ୍ଠି ୧ ଲକ୍ଷ ୫୧ ହଜାର ୨୮୨ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ସେଥିରୁ ୯୫ ହଜାର କୋଟିରୁ ଅଧିକ ଟଙ୍କା କେନ୍ଦ୍ର ପ୍ରଦାନ କରିବ ବୋଲି ଶ୍ରୀ ଚୌହାନ କହିଛନ୍ତି ।

**V/O-SHIVRAJ-SINGH---G-RAM-G-BILL**

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଚାଲିଥିବା ପାରମ୍ପରିକ ଔଷଧ ସମ୍ପର୍କିତ ଦ୍ୱିତୀୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମ୍ମିଳନୀର ଉଦ୍ଯାପନୀ ସମାରୋହରେ ଉଦ୍‌ବୋଧନ ଦେବେ । ଏହି ଅବସରରେ ଶ୍ରୀ ମୋଦୀ ଆୟୁଷ କ୍ଷେତ୍ରରେ ଡିଜିଟାଲ ପୋର୍ଟାଲ୍ 'ମାଇ ଆୟୁଷ ସମନ୍ୱିତ ସେବା ପୋର୍ଟାଲ୍'ର ଶୁଭାରମ୍ଭ କରିବେ । ଏଥିସହିତ ଆୟୁଷ ଉତ୍ପାଦ ଓ ସେବାର ଗୁଣବତ୍ତା ପାଇଁ ଏକ ବିଶ୍ୱ ମାନଦଣ୍ଡ ଆୟୁଷ୍ ମାର୍କ୍‌ର ମଧ୍ୟ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏକ ବିଶ୍ୱସ୍ତରୀୟ, ବିଜ୍ଞାନ ଆଧାରିତ ତଥା ଲୋକକୈନ୍ଦ୍ରିକ ପାରମ୍ପରିକ ଔଷଧ କ୍ଷେତ୍ରରେ ଭାରତର କ୍ରମବର୍ଦ୍ଧିଷ୍ଣୁ ନେତୃତ୍ୱ ଓ ଅଗ୍ରଣୀ ପଦକ୍ଷେପ ପ୍ରତିଫଳିତ ହେଉଛି । ଗବେଷଣା, ମାନନିର୍ଦ୍ଧାରଣ ଓ ବିଶ୍ୱସହଯୋଗ ମାଧ୍ୟମରେ ପାରମ୍ପରିକ ଔଷଧ ଓ ଭାରତୀୟ ପୁରାତନ ଜ୍ଞାନ ବ୍ୟବସ୍ଥାକୁ ମୁଖ୍ୟ ଧାରାରେ ସାମିଲ କରିବା ଉପରେ ପ୍ରଧାନମନ୍ତ୍ରୀ ନିରନ୍ତର ଗୁରୁତ୍ୱାରୋପ କରି ଆସିଛନ୍ତି ।  ଏହି ଅବସରରେ ଶ୍ରୀ ମୋଦୀ ଯୋଗ ତାଲିମ୍ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବୈଷୟିକ ରିପୋର୍ଟ୍ ଏବଂ ଏକ ପୁସ୍ତକ ଉନ୍ମୋଚନ କରିବେ । ଏତଦ୍ ବ୍ୟତୀତ ଅଶ୍ୱଗନ୍ଧା ଉପରେ ଏକ ସ୍ମାରକୀ

ଡାକଟିକଟର ମଧ୍ୟ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିବେ । ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଦକ୍ଷିଣ ପୂର୍ବ ଏସିଆ ଆଞ୍ଚଳିକ କାର୍ଯ୍ୟାଳୟର ନୂତନ କମ୍ପ୍ଲେକ୍ସର ମଧ୍ୟ ଆଜି ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହିତ ଭାରତର ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଭାଗିତାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ଭାବେ ସାବ୍ୟସ୍ତ ହେବ ।

ଯୋଗ ପ୍ରତି ନିରନ୍ତର ସମର୍ପିତ ଭାବ ଏବଂ ବିଶ୍ୱବ୍ୟାପି ଏହାର ସ୍ୱୀକୃତି ସ୍ୱରୂପ ୨୦୨୧ରୁ ୨୦୨୫ ବର୍ଷ ପର୍ଯ୍ୟନ୍ତ ଯୋଗର ପ୍ରୋତ୍ସାହନ ଓ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ଲାଗି କୃତି ପ୍ରତିଯୋଗିଙ୍କୁ ପ୍ରଧାନମନ୍ତ୍ରୀ ଆଜି ଏହି ଅବସରରେ ସମ୍ମାନିତ କରିବାର କାର୍ଯ୍ୟସୂଚୀ ରହିଛି । ଆୟୁଷ ମନ୍ତ୍ରଣାଳୟ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ମିଳିତ ଭାବେ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀ ଅବସରରେ ଭାରତ ମଣ୍ଡପମ୍ ଠାରେ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଛି ।

ଆୟୁଷ ସଚିବ ବୈଦ୍ୟ ରାଜେଶ କୋଟେଚା ଗତକାଲି ନୂଆଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ସମ୍ମିଳନୀ ଅବସରରେ ୧୬ଟି ଦେଶର ପ୍ରତିନିଧିଙ୍କ ସହିତ ପାରମ୍ପରିକ ଔଷଧ କ୍ଷେତ୍ରରେ ସହଯୋଗକୁ ସଶକ୍ତ କରିବା ଲାଗି ଦ୍ୱିପକ୍ଷିୟ ବୈଠକ ଅନୁଷ୍ଠିତ ହୋଇଛି । ଏହି ଦେଶଗୁଡ଼ିକ ମଧ୍ୟରେ ବ୍ରାଜିଲ୍, ସଂଯୁକ୍ତ ଆରବ ଏମିରେଟସ୍, ମାଲେସିଆ, ମେକ୍ସିକୋ, ନେପାଳ, ଶ୍ରୀଲଙ୍କା, ଭିଏତ୍‌ନାମ ଓ ଭୁଟାନ ଅନ୍ତର୍ଭୁକ୍ତ । ଏତଦ୍‌ବ୍ୟତୀତ ଭାରତ କ୍ୟୁବା ସହିତ ପାରମ୍ପରିକ ଔଷଧର ପ୍ରଚାର ଓ ପ୍ରସାର ଲାଗି ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷର କରିଛି ବୋଲି ଶ୍ରୀ କୋଟେଚା କହିଛନ୍ତି ।

# ପ୍ରେଜ୍-କନ୍ଫରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ହାଇଦ୍ରାବାଦ୍ ଠାରେ ରାଜ୍ୟ ଲୋକସେବା ଆୟୋଗ ଅଧ୍ୟକ୍ଷମାନଙ୍କର ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ଦୁଇ ଦିନିଆ ସମ୍ମିଳନୀରେ ବିଭିନ୍ନ ରାଜ୍ୟର ଲୋକସେବା ଆୟୋଗଗୁଡ଼ିକର ଅଧ୍ୟକ୍ଷ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେବେ । ତେଲଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା, ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ କେନ୍ଦ୍ରୀୟ ଲୋକସେବା ଆୟୋଗ ଅଧ୍ୟକ୍ଷ ଅଜୟ କୁମାର ମଧ୍ୟ ଏହି ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ତେଲଙ୍ଗନା ଲୋକସେବା ଆୟୋଗର ଅଧ୍ୟକ୍ଷ ବି. ଭେଙ୍କଟେସମ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ଦୁଇଦିନିଆ ସମ୍ମିଳନୀ ସରକାରୀ ନିଯୁକ୍ତି ପ୍ରକ୍ରିୟାରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ତଥା ଆହ୍ୱାନର ସମାଧାନ ଲାଗି ରାଜ୍ୟ ଏବଂ କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ମଧ୍ୟରେ ଆଲୋଚନାର ଏକ ମଞ୍ଚ ପ୍ରଦାନ କରିବ । ଏହି ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ତଥା ଉତ୍ତରଦାୟି କରାଯିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରାଯିବା ଉପରେ ଏହି ସମ୍ମିଳନୀରେ ଆଲୋଚନା କରାଯିବ ବୋଲି ଶ୍ରୀ ଭେଙ୍କଟେସମ୍ କହିଛନ୍ତି ।

# ପିଏମ୍-ଓମାନ୍ ରାଉଣ୍ଡଅପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତ୍ରିରାଷ୍ଟ୍ରୀୟ ଗସ୍ତ ସଫଳତାର ସହ ଶେଷ ହୋଇଛି । ଯୋର୍ଡ଼ାନ୍ ଓ ଇଥିଓପିଆର ସଫଳ ଗସ୍ତ ଶେଷ କରି ଶ୍ରୀ ମୋଦୀ ଶେଷ ପର୍ଯ୍ୟାୟରେ ଓମାନ୍‌ରେ ପହଞ୍ଚିଥିଲେ । ସେଠାରେ ତାଙ୍କୁ ଓମାନ୍‌ର

ସୁଲତାନ୍ ହାଇଥମ୍ ବିନ୍ ତାରିକ୍ 'ଅର୍ଡର ଅଫ୍ ଓମାନ୍' ସମ୍ମାନରେ ସମ୍ମାନିତ କରିଛନ୍ତି ।

ଭାରତ–ଓମାନ୍ ସମ୍ପର୍କ ନେଇ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ଅବଦାନ ପାଇଁ ଶ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଶ୍ରୀ ମୋଦୀ' ସମ୍ମାନକୁ ଭାରତବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କର ୭୦ ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଓମାନ୍ ଗସ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ଥିଲା । ଦୁଇ ଦେଶ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଭାଗିତା ଲକ୍ଷ୍ୟ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓମାନ୍ ସୁଲତାନ ଶ୍ରୀ ତାରିକ୍ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଉପସ୍ଥିତିରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋଏଲ ଏବଂ ତାଙ୍କ ଓମାନ ପ୍ରତିପକ୍ଷ କ୍ୱାଇସ୍ ଅଲ୍ ୟୁସେଫ୍ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ୨୦ ବର୍ଷ ପରେ ଓମାନ୍ ଏହି ଦ୍ୱିତୀୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି। ନିଯୁକ୍ତି, ବ୍ୟବସାୟ ପାଇଁ ଉନ୍ନତ ବଜାର କ୍ଷେତ୍ର ଏବଂ ଉଭୟ ଦେଶ ମଧ୍ୟରେ ବ୍ୟାପକ ଆର୍ଥିକ ସୁଯୋଗକୁ ଏହି ଚୁକ୍ତିନାମା ତ୍ୱରାନ୍ୱିତ କରିବ। ସାମୁଦ୍ରିକ ଐତିହ୍ୟ, ଶିକ୍ଷା, କୃଷି ଏବଂ ମିଲେଟ୍ ଚାଷ କ୍ଷେତ୍ରରେ କେତେକ ବୁଝାମଣା ସ୍ୱାକ୍ଷରିତ ହୋଇଛି।

## ଆର୍‌ଏସ୍-ନ୍ୟୁକ୍ଲିୟର ବିଲ୍

ପରିବର୍ତ୍ତିତ ଭାରତ ପାଇଁ ପରମାଣୁ ଶକ୍ତିର ସ୍ଥାୟୀ ଉପଯୋଗିତା ଏବଂ ଉନ୍ନୀତ ବିଲ୍–୨୦୨୫ ସଂସଦର ଅନୁମୋଦନ ଲାଭ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ

ମୋଦୀ ଏହାକୁ ଭାରତୀୟ ଜ୍ଞାନକୌଶଳ କ୍ଷେତ୍ରରେ ଏକ ରୂପାନ୍ତରିକରଣ ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି ।

ଏହି ବିଲ୍‌କୁ ପାରିତ କରିଥିବାରୁ ସାଂସଦମାନଙ୍କ ପ୍ରତି କୃତଜ୍ଞତା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି, କୃତ୍ରିମ ବୁଦ୍ଧିମତାର ଶକ୍ତିକୁ ଏହାଦ୍ୱାରା ସୁରକ୍ଷିତ ରଖାଯାଇପାରିବ । ଦେଶ ଓ ବିଶ୍ୱର ସୁରକ୍ଷା ଲାଗି ସବୁଜ ତଥା ସ୍ୱଚ୍ଛ ଶକ୍ତିର ଉତ୍ପାଦନ ଦିଗରେ ଏହା ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହି ବିଲ୍ ପାରିତ ହେବା ଦ୍ୱାରା ଘରୋଇ କ୍ଷେତ୍ର ଏବଂ ଯୁବବର୍ଗଙ୍କ ଲାଗି ଅପାର ସୁଯୋଗ ସୃଷ୍ଟି ହୋଇଛି । ନବଭାରତ ନିର୍ମାଣ ସହିତ ନବସୃଜନତା ଓ ପୁଞ୍ଜିନିବେଶ ଲାଗି ଏହା ଉପଯୁକ୍ତ ସମୟ ବୋଲି ପ୍ରଧାନମନ୍ତ୍ରୀ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ ଗତକାଲି ଏହି ବିଲ୍‌ଟି ରାଜ୍ୟସଭାରେ ପାରିତ ହୋଇଥିବା ବେଳେ ବୁଧବାର ଦିନ ଲୋକସଭାର ଅନୁମୋଦନ ଲାଭ କରିଥିଲା ।

# କ୍ରିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ଅହମ୍ମଦାବାଦରେ ଖେଳାଯିବ । ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ଗତ ବୁଧବାର ଦିନ ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳବିହାରୀ  ବାଜପେୟୀ ଏକନା ଷ୍ଟାଡିୟମ୍‌ରେ ଏହି ପାଞ୍ଚଟିକିଆ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ଟି

ପ୍ରବଳ କୁହୁଡ଼ି ଯୋଗୁଁ ବାତିଲ ହୋଇଯାଇଥିଲା । ବର୍ତ୍ତମାନ ସୁଦ୍ଧା ଭାରତ ଏହି ସିରିଜ୍‌ରେ ୨-୧ରେ ଆଗୁଆ ରହିଛି ।

## ବ୍ୟାଡ୍‌ମିଣ୍ଟନ

ଚୀନ୍‌ର ହାଙ୍ଗଝାଓରେ ଚାଲିଥିବା ବି.ଡବ୍ଲ୍ୟୁ.ଏଫ୍. ବିଶ୍ୱ-ଟୁର ଫାଇନାଲ୍ସରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଯୋଡ଼ି ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ୍ ସେଟ୍ଟୀ ଗତକାଲି ବିଜୟୀ ହୋଇଛନ୍ତି । ଗତକାଲି ଅନୁଷ୍ଠିତ ଗ୍ରୁପ୍ ମ୍ୟାଚ୍‌ରେ ଏହି ଯୋଡ଼ି ଇଣ୍ଡୋନେସିଆର ଫାରାଜ୍ ଆଲ୍‌ଫିଆନ୍ ଓ ମହମ୍ମଦ ସୋହିବୁଲ୍ ଫିକ୍‌ରିଙ୍କୁ ୨୧-୧୧, ୧୬-୨୧, ୨୧-୧୧ ପରାସ୍ତ କରିଛନ୍ତି । ଏହି ଭାରତୀୟ ଯୋଡ଼ିଙ୍କର ଆଜି ମାଲେସିଆର ଆରୋନ୍ ଚିଆ ଓ ସୋ ଓ୍ୱି ଇକ୍ ଯୋଡ଼ି ସହିତ ମୁକାବିଲା ହେବ ।